**ସଂକ୍ଷେପରେ**

## ଛାତ୍ରୀଙ୍କୁ ଅସଦାଚରଣ ମାମଲା: ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ବୈପାରୀଗୁଡା, ୩।୩ (ଡି.ଏନ୍.ଏ.):** ଛାତ୍ରୀଙ୍କୁ ଅସଦାଚାରଣ କରିବା ମାମଲାରେ ରବିବାର ବୈପାରୀଗୁଡା ପୋଲିସ ଅଭିଯୁକ୍ତ ଶିକ୍ଷକ ନିରଞ୍ଜନ ପାତ୍ରଙ୍କୁ କୋର୍ଟଚାଲାଣ କରିଛି। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କାଠପଡା ପଞ୍ଚାୟତ ଚିକଟଯୋଡ଼ି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପାତ୍ର ଛାତ୍ରୀମାନଙ୍କୁ ଅସଦାଚାରଣ କରିବା ନେଇ ଅଭିଯୋଗ ହୋଇଥିଲା। କିଛିଦିନ ତଳେ ଉକ୍ତ ଘଟଣା ପ୍ରଘଟ ହେବା ପରେ ଗାଁରେ ବୈଠକ ବସି ଘଟଣାକୁ ଚପେଇ ଦିଆଯାଇଥିଲା। ଖବରପାଇ ପୋଲିସ ଗତ ଶୁକ୍ରବାର ଜୟପୁର ଏସ୍‌ଡିପିଓ ସାଗରିକା ନାଥ, କୋରାପୁଟ ଆଡିସ୍‌ନାଲ ଏସ୍‌ପି ୟୁଆର ଦାସ ଓ ଥାନା ଅଧିକାରୀ ଏସ୍‌ଡିପିଓ ଜଗନ୍ନାଥ ରେଡ୍ଡୀ ଓ ଥାନା ଅଧିକାରୀ ରମେଶ କୁମାର ରାଉତ ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ତଦନ୍ତ କରିଥିଲେ।

## ହୃଦ୍‌ଘାତରେ ଜିଲା ପରିଷଦ ସଭ୍ୟଙ୍କ ମୃତ୍ୟୁ

**ପଟ୍ଟାଙ୍ଗି,୩।୩(ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଜୋନ ୦୧ ର ଜିଲଶ ପରିଷଦ ସଭ୍ୟ ଡୁମୁରି ଖିଲଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ଶୁକ୍ରବାର ରାତିରେ କୁନ୍ଦୁଲି ହାଟପଦାସ୍ଥିତ ତାଙ୍କ ଭିଣୋଇ ତଥା ପୂର୍ବତନ ଏମପି ଜୟରାମ ପାଙ୍ଗିଙ୍କ ବାସଭବନରେ ଖାଇ ଶୋଇଥିଲେ। ଭୋରୁ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବେଳକୁ ଏକ ମାତ୍ର ପୁଅ ବିଜୟ ଖିଲ ଉପସ୍ଥିତ ଥିଲେ। ମୃତ୍ୟୁଖବର ପାଇ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲା ବିଜେଡି ସଭାପତି ଇଶ୍ୱର ପାଣିଗ୍ରାହୀ, ପୂର୍ବତନ ଏମପି ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣା କର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ, ଏପିଓ ସୈମେନ୍ଦ୍ର ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

**ବୋରିଗୁମ୍ମା, ୩।୩ (ଡି.ଏନ୍.ଏ.):** ବୋରିଗୁମ୍ମା ବ୍ଲକ ସଭାଗୃହଠାରେ ଉପଖଣ୍ଡସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରଣୟ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଡିପିଏମ୍, ଡିଆରଡିଏ ସସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି, ହରେକୃଷ୍ଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ଏଚ୍‌ଜିମାନଙ୍କର କିପରି ବିକାଶ ହେବ ଓ ଆର୍ଥିକ ସହାୟତା ମିଳିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିନୋଦିନୀ ବେହେରା, ବି. ସ୍ୱାତୀ, ପି.ପି.ଗନ୍ତାୟତ, କାହ୍ନୁଚରଣ ସାହୁ, ରବିନ୍ଦ୍ର ପ୍ରଧାନ, ବିଶାଲ ଦୁଖି, ଦେବେନ୍ଦ୍ର ପଣ୍ଡା, କାଳିକିଙ୍କର ପଣ୍ଡା ଯୋଗ ଦେଇଥିଲେ।

■ ମେଶିନ କରୁଛି ରାସ୍ତା କାମ

# ଗ୍ରାମବାସୀଙ୍କ ବିରୋଧ,ମେଶିନ ଜବତ

**ପଟ୍ଟାଙ୍ଗି,୩।୩(ଡ଼ି.ଏନ.ଏ)**

ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଜଣେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ନିମନ୍ତେ ନିୟମ କରିଛନ୍ତି। ହେଲେ ପ୍ରତ୍ୟେକ କାମକୁ ମେଶିନ ସାହାଯ୍ୟରେ କରାଯାଉଥିବାରୁ ଗାଁ ଗହଳିର ଶ୍ରମିକମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏନେଇ ଜିଲା ପ୍ରଶାସନ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାକୁ ବ୍ଲକ ଓ ପଞ୍ଚାୟତସ୍ତରରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା ଏକ ପ୍ରକାର ନୀରବଦ୍ରଷ୍ଟା ପାଲଟିଥିବା ଜଣାଯାଇଛି। ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗାଙ୍ଗରାଜପୁର ପଞ୍ଚାୟତରେ ।

ପଞ୍ଚାୟତ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସଦର ମହକୁମାଠାରୁ ଚିନ୍ତାଲଗୁଡା ଯାଏଁ ଦେଢ କିଲୋମିଟର ରାସ୍ତା କାମ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟରେ ଚାଲିଛି। ଏଠାରେ ଶ୍ରମିକମାନଙ୍କ ଦ୍ୱାରା ରାସ୍ତା କାମ ନ କରି ତରବରିଆ ଭାବେ ରାତି ଅଧରେ ମେଶିନ ଲଗାଇ ନିର୍ମାଣ କାର୍ଯ୍ୟ କରାଯାଉଥିବା ପଞ୍ଚାୟତର ସୁନାଧର ପେଦାପେଲି , ଅଜିତ ପେଦାପେଲି , ଅନିଲ ବାଙ୍କା , ପୂର୍ଣ୍ଣ ବାଙ୍କା , ରାପେନ୍ଦ୍ର କୁଲଦୀପ , ମହେଶ୍ୱର ବାଙ୍କା ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ଯୁବ ଗୋଷ୍ଠୀ ଏହାକୁ ବିରୋଧ କରିବା ସହ କାମ ବନ୍ଦ କରି ମେଶିନ ଜବତ କରିଛନ୍ତି । ଏହି କାମ କାହା ନିର୍ଦ୍ଦେଶରେ ହେଉଛି ଏବଂ କେବେଠାରୁ ଆରମ୍ଭ ହୋଇଛି ତାହା ଜାଣି ନ ଥିବା ସରପଞ୍ଚ ପାନ୍ଦି ବଲୁ ପ୍ରକାଶ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶ୍ରମିକ ନେତା ରାମ ଖିଲଙ୍କ ପକ୍ଷରୁ କରାଯାଉଥିବା କହିଛନ୍ତି। ଅନ୍ୟ ପକ୍ଷରେ ରାସ୍ତା କାର୍ଯ୍ୟ ନ ସରୁଣୁ ଶ୍ରମିକ ନେତା ରାମ ଆଗୁଆ ୮୫ ହଜାର ୧୭୬ ଟଙ୍କା ବିଲ କରି ନେଇଥିବା ଜଣାଯାଇଛି । ଏନେଇ ପଞ୍ଚାୟତର ଅଭି ଲବୁଡୁ ବାରିକ , ଅଞ୍ଜନ ପେଦାପେଲି , ଜୟପୁରିଆ ବାସୁ , କୃଷ୍ଣ ଠଙ୍କ , ସନ୍ଦିପ ବାରିକ ଙ୍କ ସମେତ ବହୁ ଗ୍ରାମବାସୀ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହାର ଏକ ନକଲ ଜିଲାପାଳ , ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ସାମାଜିକ ସମୀକ୍ଷକଙ୍କ ନିକଟକୁ ପଠାଇଛନ୍ତି । ସେହିପରି ବ୍ଲକର ସୁଙ୍କି ପଞ୍ଚାୟତରେ ଥିବା ନିମାଲପାଡୁ ଓ ଗିନିପିଲିପାଡୁ ଗ୍ରାମକୁ ଜାତୀୟ ରାଜପଥଠାରୁ ଯାଇଥିବା ରାସ୍ତା କାମ ମେଶିନ ଲଗାଇ କରାଯାଇ ଥିଲେ ମଧ ତାହାର କୌଣସି ରେକର୍ଡ ପତ୍ର ବର୍ତ୍ତମାନ ଯାଏଁ ଖୋଲା ଯାଇ ନ ଥିବା ଜଣାପଡିଛି । ଏ ନେଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନଙ୍କୁ ପଚାରିବାରୁ, ଗାଙ୍ଗରାଜପୁର ପଞ୍ଚାୟତରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି । ଯାହା ନିର୍ଦ୍ଦେଶନାମା ଆସିବ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉକ୍ତ କାର୍ଯ୍ୟରେ ଯେଉଁ ଅଧିକାରୀମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ କୈଫିୟତ ତଲବ କରାଯିବ ବୋଲି କହିଛନ୍ତି ।



ଗ୍ରାମବାସୀ କାମକୁ ବିରୋଧ କରୁଛନ୍ତି।



ସମ୍ମିଳନୀରେ ଭାଗ ନେଇଥିବା କଂଗ୍ରେସ କର୍ମୀମାନେ।

## ଦଶମନ୍ତପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଦଶମନ୍ତପୁର,୩।୩(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସ୍ଥିତ ବାଘଚେମା ଆମ୍ବତୋଟାଠାରେ ରବିବାର କଂଗ୍ରେସର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ବ୍ଲକ ସଭାପତି ବେଣୁଧର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ହୁଇକା, ସମ୍ପାଦକ ମୋହନ ପାତ୍ର ହିଆଲ, ଲୋଚନ ବିଷୋୟୀଙ୍କ ସମେତ ୧୬ ପଞ୍ଚାୟତ ସଭାପତି, ସରପଞ୍ଚ ଏବଂ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ମନ ମନାନ୍ତରକୁ ଭୁଲି କଂଗ୍ରେସ ପାଇଁ ଏକମତ ହୋଇ ବିଧାୟକ ଆସନ କିପରି ହାତେଇବା ନେଇ ଆଲୋଚନା କରିଥିଲେ। ବର୍ତ୍ତମାନର ବିଧାୟକଙ୍କ ସ୍ୱାର୍ଥ ମନୋଭାବ ଓ ସ୍ଥାନୀୟ କର୍ମୀଙ୍କ ପ୍ରତି କରି ଆସୁଥିବା ଅବହେଳାକୁ ସମାଲୋଚନା କରାଯିବା ସହ କର୍ମୀଙ୍କ ମହଲରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଏଥିସହ ଆସନ୍ତା ୮ ତାରିଖରେ ରାହୁଲ ଗାନ୍ଧୀଙ୍କ ଜୟପୁର ଗସ୍ତରେ କର୍ମୀମାନେ କିପରି ଯୋଗଦେବେ ସେଥିପ୍ରତି ବିଧାୟକ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କଂଗ୍ରେସକୁ ଦୁଇଭାଗ କରୁଥିବା ବିଧାୟକ ଯଦି ଟିକେଟ ପାଆନ୍ତି ତେବେ ଆମେ ଲଢ଼େଇ କରିବୁ ନାହିଁ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି । ବରିଷ୍ଠ ନେତା ଲକ୍ଷ୍ମଣ ବିଷୋୟୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିବା ଜଣାପଡିଛି।

■ ବିଭିନ୍ନ ସ୍ଥାନରେ ଚଢ଼ାଉ

## ମଦ ଜବତ, ୫ ଗିରଫ

**ଜୟପୁର,୩।୩(ନି.ପ୍ର/ଡ଼ି.ଏନ.ଏ)**

ଜୟପୁର ସହରରେ ବେଆଇନ ଭାବେ ପାନ ଦୋକାନ, ଢାବାରେ ବିଦେଶୀ ମଦ ବିକ୍ରି କରାଯାଉଛି । ଏହାକୁ ରୋକିବା ପାଇ ଜୟପୁର ଏସଡିପିଓ ସାଗରିକା ନାଥଙ୍କ ସହ ଟାଉନ ଓ ସଦର ପୋଲିସ ମିଳତ ଭାବେ ଶନିବାର ବିଳମ୍ବିତ ରାତ୍ରରେ ଚଢାଉ କରିଥିଲେ । ସହରର ଗୋପବନ୍ଧୁ ନଗର, ପାରାବେଢା, ଡାଲଚିନ ଢାବା, ମାଦଳା ସାହି, ଜୟ ମାତାଜି ଢାବା ଆଦି ୫ଟି ସ୍ଥାନରେ ଚଢାଉ ୨୦ଟି ବ୍ରାଣ୍ଡର ୩୫୦ ବୋତଲ ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ପୋଲିସ ୫ଟି ମାମଲା ରୁଜୁ କରି ୨ ଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିବା ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ନାଥ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଆଗାମୀ ଦିନରେ ଦୃଢ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଠିପି ବନ୍ଦ ଦୋକାନ ଉପରେ ମଧ୍ୟ ଚଢାଉ କରାଯିବ । ଏଥିସହ ଯେଉଁମାନେ ଅଭ୍ୟାସ ଗତ ଅପରାଧୀ ଅଛନ୍ତି ଓ ମାରଣାସ୍ତ୍ର ଧରି ବୁଲୁଛନ୍ତି ସେମାନଙ୍କୁ ମଧ୍ୟ ଗିରଫ କରାଯିବ । ସହରର ଗଳି କନ୍ଦିରେ ଦେଶୀ ମଦ ବିକ୍ରି ହେଉଛି ଏହା ଉପରେ ମଧ୍ୟ ଚଢାଉ କରାଯିବ। ଆଗକୁ ନିର୍ବାଚନ ଥିବାରୁ ତାହାକୁ ଦୃଷ୍ଟିରେ ରଖି ଏପରି ଚଢାଉ କରାଯାଉଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ବିଲେଶ୍ୱର ଗିଧି ଓ ସଦର ଥାନା ଏସଆଇ ଉପସ୍ଥିତ ଥିଲେ ।

## ଜଗଦଲପୁର-ରାଉରକେଲା ଟ୍ରେନ ଶୁଭାରମ୍ଭ

**ଜୟପୁର, ୩।୩(ଡି.ଏନ.ଏ)**

ରାଉରକେଲା-କୋରାପୁଟ ଟ୍ରେନକୁ ଛତିଶଗଡର ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ନେଇ କେନ୍ଦ୍ର ସରକାରଙ୍କ ଘୋଷଣା ପରେ ଇଷ୍ଟକୋଷ୍ଟ ରେଳବିଭାଗ ପକ୍ଷରୁ ରବିବାର ଏହାର ଶୁଭାରମ୍ଭ କରାଯାଇଛି । ଉକ୍ତ ଟ୍ରେନ ମଧ୍ୟାହ୍ନ ୧ ଘଟିକା ସମୟରେ ଜଗଦଲପୁରରୁ ରାଉରକେଲାକୁ ଯାତ୍ରା ଆରମ୍ଭ କରିଛି । ଏହି ଟ୍ରେନକୁ ଜୟପୁରଠାରେ ନବରଙ୍ଗପୁର ଏମ.ପି ବଳଭଦ୍ର ମାଝି, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଇଶ୍ୱର ପାଣିଗ୍ରାହୀ, କୋରାପୁଟ ଏମ.ପି ପ୍ରତିନିଧି ବାଲା ରାୟ, ବ୍ଲକ ଉପାଧ୍ୟକ୍ଷ ଇଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ଟ୍ରେନ ପ୍ରତ୍ୟେକ ଦିନ ଜଗଦଲପୁରରୁ ବାହାରି ଜୟପୁରରେ ୨ଟା ୪୫ ରେ ପହଞ୍ଚିବ । ସେହିପରି ରାଉରକେଲାରୁ ଜଗଦଲରପୁର ଯାତ୍ରା କରୁଥିବା ଟ୍ରେନ ଜୟପୁର ଠାରେ ପୂର୍ବାହ୍ନ ୯ଟା ୨୮ ମିନିଟରେ ପହଞ୍ଚିବ । ଏଥିରେ ଶୀତତାପ ନିୟନ୍ତ୍ରଣ ବଗି ସହିତ ସମୁଦାୟ ୧୧ ଟି ବଗି ରହିବ । ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ଅଧିକାରୀ, ରାମ ପ୍ରସାଦ ପାଣିଗ୍ରାହୀ, ଶିବ ପ୍ରସାଦ ପଟ୍ଟନାୟକ, ସହଦେବ ପଟ୍ଟନାୟକ, ବାପି ପରିଡା, ଚିରଞ୍ଜୀବ ପଟ୍ଟନାୟକ, ରାଜା ପାଢୀ ଉପସ୍ଥିତ ଥିଲେ ।



ଟ୍ରେନକୁ ଜୟପୁରରେ ସ୍ୱାଗତ କରାଯାଉଛି।

## ମହାଶିବରାତ୍ରି ପାଳନ ନେଇ କୋରାପୁଟ ଚଳଚଞ୍ଚଳ

**କୋରାପୁଟ,୩।୩(ସ୍ୱ.ପ୍ର)**

ମହାଶିବରାତ୍ରି ନେଇ କୋରାପୁଟ ଜିଲା ଚଳଚଞ୍ଚଳ ହୋଇଛି । କୋରାପୁଟ ଜିଲାର ବୈପାରିଗୁଡା ବ୍ଲକରେ ଥିବା ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରଠାରେ ଜାଗରଯାତ୍ରା ନେଇ ଜିଲାପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଜିଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭକ୍ତମାନଙ୍କ ସୂଚନା ପାଇଁ ଏକ ଷ୍ଟଲ ଖୋଲାଯାଇଛି। ଜୟପୁର ଦେବତୋର ବିଭାଗ ପକ୍ଷରୁ ପାନୀୟଜଳ, ବିଦ୍ୟୁତ ଓ ଟ୍ରାଫିକ ସମସ୍ୟା ପରିଚାଳନା ନେଇ ସୁବନ୍ଦୋବସ୍ତ କରାଯାଇଛି । ଜାଗରଯାତ୍ରାରେ ନେଇ ଏଠାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ । ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ସାଧାପୋଷାକରେ ମୁତୟନ କରାଯାଇଛି । କେତେକ ସ୍ୱେଚ୍ଛାସେବୀ ଓ ଯୁବକ ସଂଘ ପକ୍ଷରୁ ପାନୀୟଜଳ ସହ ଅନ୍ନ ଭୋଜନର ସୁବିଧା କରାଯାଇଛି । ସେହପରି କୋରାପୁଟ ସହରର ଶାବର ଶ୍ରୀକ୍ଷେତ୍ର ସମେତ ଶାବରେଶ୍ୱର, ଓଏମପି ଶିବମନ୍ଦିର, ଆଖଣ୍ଡଳମଣୀ ମନ୍ଦିର, ରେଲୱେ ଶିବ ମନ୍ଦିର, ରାଉଳି ଶିବ ମନ୍ଦିର, ପଦ୍ମପୁର ଶିବ ମନ୍ଦିର, ଆମ୍ବଳିଆମ୍ବ ଶିବମନ୍ଦିର, ଜୟପୁର ଘାଟିରେ ଥିବା ଅଦ୍ଧନାରିଶ୍ୱର ମନ୍ଦିର, ପୋଡାଗଡ ନିକଟ ଆମ୍ବଳିଆମ୍ବଗୁଡା ଗ୍ରାମ ନିକଟ ଶିବ ମନ୍ଦିର, ସୁନାବେଡା-୧ ଥିବା ଶିବମନ୍ଦିର ଆଲୋକମାଳାରେ ସଜାଯାଇଛି । ଜାଗରଯାତ୍ରା ନେଇ ରବିବାର ବ୍ୟବସାୟୀ ଓ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି।

■ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କ୍ରୀଡା ପ୍ରତିଯୋଗିତା

## ଭଲିବଲରେ ଚାରାଙ୍ଗୁଲ ଚାମ୍ପିୟନ

**କୋରାପୁଟ,୩।୩(ସ୍ୱ,ପ୍ର)**

କୋରାପୁଟ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସେମିଳିଗୁଡା ବ୍ଲକର ଗୈଡଗୁଡା ଗ୍ରାମର ଖେଳ ପଡିଆରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ନାଲକୋ ଆଉଟଡୋର କ୍ରିଡା ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ ଯୋଗଦେଇ ଭଲିବଲ ପ୍ରତିଯୋଗିତାରେ ଚାମ୍ପିୟନ ଚାରାଙ୍ଗୁଲ ଦଳକୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସେହିପରି କୁମାରଗୁଡା ଦଳକୁ ଦ୍ୱିତୀୟ ଭାବେ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଚାରାଙ୍ଗୁଲ ସରପଞ୍ଚ ଶେଖର ଏଡିକ, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ଟାକ୍ରି ପ୍ରମୁଖ ଉପସ୍ଥିତ ରହି ସେମିଳିଗୁଡା ବ୍ଲକର ୧୮ ଟି ଦଳର ୧୦୮ ଜଣ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌଡଗୁଡା ଦଳକୁ ପ୍ରଥମ ପୁରସ୍କାର ଓ ଖାଲପାଡି ଦଳକୁ ଦ୍ୱତୀୟ ପୁରାସ୍କାର ପ୍ରଦାନ କରାଯାଇଥିଲା।



ଭଲିବଲ ପ୍ରତିଯୋଗିତାର ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

## ଏଲିଟ୍ ଲିଷ୍ଟରେ ଧୋନୀ

ହାଇଦ୍ରାବାଦ, ୩।୩: ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟର ନ୍ୟାଶନାଲ ଷ୍ଟାଡିୟମରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୬ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ଏହି ମ୍ୟାଚ୍‌ରେ ଭେଟେରାନ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ (୫୯ ରନ) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଧୋନୀ ୪ର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଲିଷ୍ଟ-ଏ କ୍ରିକେଟରେ ୧୩ ହଜାର ରନ୍ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଧୋନୀଙ୍କ ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଏହି ଏଲିଟ୍ କ୍ଲବରେ ସ୍ଥାନ ପାଇସାରିଛନ୍ତି। ଧୋନୀ ବର୍ତ୍ତମାନ ସୁଦ୍ଧା ୪୧୨ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ୫୦.୭୯ ଆଭରେଜରେ ୧୩,୦୫୪ ରନ କରିଛନ୍ତି। ଲିଷ୍ଟ-ଏରେ ସର୍ବାଧିକ ରନ୍ ସଂଗ୍ରହ କରିବା ତାଲିକାରେ ଇଂଲଣ୍ଡର ଗ୍ରାହମ ଗୁଚ୍ ରହିଛନ୍ତି। ସେ ୨୨ ହଜାର ୨୧୧ ରନ ସଂଗ୍ରହ କରିଛନ୍ତି। ଏହି ମ୍ୟାଚ୍‌ରେ ଧୋନୀ-କେଦାର ଯାଦବ ଯୋଡ଼ି ୫ମ ଉଇକେଟ୍‌ରେ ୧୪୧ ରନର ପାର୍ଟନରଶିପ୍ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ଘରୋଇ ଗ୍ରାଉଣ୍ଡରେ ୫ମ ଉଇକେଟ୍‌ରେ ଭାରତର ଏହା ୨ୟ ସର୍ବାଧିକ ପାର୍ଟନରଶିପ୍।

■ ରାଜ୍ୟ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ପ୍ରମୋଦ, ଶୁଭ୍ରଜିତ୍‌ଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)**

ଅନୁଗୋଳ ନାଲ୍‌କୋ ନଗରସ୍ଥିତ ବ୍ୟାଡ୍‌ମିଣ୍ଟନ ହଲ୍‌ରେ ରବିବାର ରାଜ୍ୟସ୍ତରୀୟ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ପ୍ରମୋଦ ଭଗତ ଓ ଶୁଭ୍ରଜିତ ମହାରଣା ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ହାସଲ କରିଛନ୍ତି।

ଓଡ଼ିଶା ପାରା-ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଅନ୍ତିମ ଦିବସରେ ଅନୁଷ୍ଠିତ ଷ୍ଟାଣ୍ଡିଂ ଲୋୟର-୩ ବିଭାଗରେ ବରଗଡ଼ର ପ୍ରମୋଦ ଭଗତ ୨୧-୧୫, ୨୧-୧୪ ପଏଣ୍ଟରେ ଖୋର୍ଦ୍ଧାର ଦିଲେଶ୍ୱର ରାଓଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଷ୍ଟାଣ୍ଡିଂ ଲୋୟର-୪ ଫାଇନାଲରେ ଖୋର୍ଦ୍ଧାର ଶୁଭ୍ରଜିତ ମହାରଣା ୧୪-୨୧, ୨୧-୭, ୨୧-୧୫ରେ ସୁନ୍ଦରଗଡ଼ର ଦୀପରଞ୍ଜନ ବିଶୋଇଙ୍କୁ ହରାଇଥିବାବେଳେ ସଟ୍ ଷ୍ଟାଚର -୬ ବିଭାଗ ଫାଇନାଲରେ ଗଞ୍ଜାମର ସୁନୀଲ ପ୍ରଧାନ ୨୧-୧, ୨୧-୪ରେ ମାଲକାନଗିରିର ପୂର୍ଣ୍ଣଚନ୍ଦ୍ର ପାଙ୍ଗିଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଷ୍ଟାଣ୍ଡିଂ ଅପର-୫(ମହିଳା)ରେ ଗଞ୍ଜାମର ପୂର୍ଣ୍ଣବାସୀ ପ୍ରଧାନ ୨୧-୪, ୨୧-୨ରେ ଖୋର୍ଦ୍ଧାର ଜୁଲି ସାହୁଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଭଗତ-ଶୁଭ୍ରଜିତ ମହାରଣା ଯୋଡ଼ି ୨୧-୧୪, ୨୧-୭ରେ ଦିଲେଶ୍ୱର ରାଓ-ଦୀପ ରଞ୍ଜନ ବିଶୋଇଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଚଳିତମାସ ୧୫ରୁ ୧୭ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ହେବାକୁଥିବା ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସ୍ମେଲଟର ଆଣ୍ଡ ପାୱାର ନାଲ୍‌କୋ, ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ମୁଖ୍ୟ ଅତିଥି, ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁବାସ କୁମାର ମିଶ୍ର ଉପସ୍ଥିତ ଥିଲେ।




ପୁରସ୍କାର ସହ କୃତୀ ପ୍ରତିଯୋଗୀ।

## ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କଲେ ପୁନିଆ

**ନୂଆଦିଲ୍ଲୀ, ୩।୩ (ପି.ଟି.):** ବୁଲଗେରିଆର ରୁସେଠାରେ ଚାଲିଥିବା ଡାନ କୋଲୋଭ-ନିକୋଲା ପେଟ୍ରୋଭ ଟୁର୍ନାମେଣ୍ଟରେ ଭାରତୀୟ ତାରକା ରେସଲର ବଜରଙ୍ଗ ପୁନିଆ ସ୍ୱର୍ଣ୍ଣ ପଦକ ଓ ଭିନେଶ ଫୋଗଟ୍ ରୌପ୍ୟ ହାସଲ କରିଛନ୍ତି। ତେବେ ସେ ଏହି ସ୍ୱର୍ଣ୍ଣ ପଦକ ଭାରତୀୟ ବାୟୁସେନା (ଆଇଏଏଫ୍)ର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଉତ୍ସର୍ଗ କରିଛନ୍ତି। ପୁନିଆ ୬୫ କେ.ଜି. ଫ୍ରିଷ୍ଟାଇଲ୍ ଫାଇନାଲରେ ଆମେରିକାର ଜୋର୍ଡାନ ଓଲିଭରଙ୍କୁ ୧୨-୩ରେ ହରାଇ ବାଜି ମାରିଛନ୍ତି। ଏଥି ସହିତ ସେ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଅଭିନନ୍ଦନଙ୍କୁ ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କରୁଛି ବୋଲି ସେ କହିଛନ୍ତି। ତାଙ୍କଠାରୁ ପ୍ରେରଣା ପାଇଛି। ଦିନେ ତାଙ୍କୁ ଭେଟି ହାତ ମିଳାଇବି ବୋଲି ପୁନିଆ କହିଛନ୍ତି। ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧ ସ୍ୱରୂପ ଅଭିନନ୍ଦନ ବିମାନରେ ପାକିସ୍ତାନ ଅଧିକୃତ କଶ୍ମୀର ଭିତରେ ପଶି ତା'ର ଏଫ୍-୧୬ ବିମାନକୁ ଖସାଇଥିଲେ। ତେବେ ତାଙ୍କ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା ଓ ସେ ପାକିସ୍ତାନ ସେନାବାହିନୀ ହାତରେ ଧରା ପଡିଥିଲେ। ପାଖାପାଖି ୬୦ଘଣ୍ଟା ପାକିସ୍ତାନରେ ରହିବା ପରେ ତାଙ୍କୁ ଭାରତକୁ ପାକିସ୍ତାନ ଅର୍ପଣ କରିଥିଲା। ଅଭିନନ୍ଦନଙ୍କ ଏହି ଲଢୁଆ ମନୋବୃତ୍ତିକୁ ସାରା ଦେଶରେ ବେଶ୍ ପ୍ରଶଂସା କରାଯାଉଛି। ଅନ୍ୟପକ୍ଷରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଫୋଗଟ୍ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ର୍ୟାଙ୍କିଙ୍ଗ ସିରିଜରେ ତାଙ୍କ ପଦର୍ପଣରେ ରୌପ୍ୟ ଜିତିଛନ୍ତି। ମହିଳା ୫୩ କେଜି ଫାଇନାଲରେ ସେ ଚାଇନାର କ୍ୱେନୟୁ ପାଙ୍ଗଙ୍କଠାରୁ ୨-୯ରେ ହାରି ଯାଇଥିଲେ। ୫୦ କେଜି କାଟେଗୋରିରୁ ଅନ୍ୟ କାଟେଗୋରିକୁ ଯିବା ପରେ ଏହା ଥିଲା ତାଙ୍କର ପ୍ରଥମ ଟୁର୍ନାମେଣ୍ଟ। ପୁନିଆ ଏଥି ସହିତ କ୍ୟାରିୟରର ୧୦ମ ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ମାର୍ଚ୍ଚ ୪ /୨୦୧୯ Rayagada, Monday, March. 4 / 2019

## ସଂକ୍ଷେପରେ

### କଲେଜର ପ୍ରଶାସନିକ ଭବନ ଉଦ୍‌ଘାଟିତ

ଚନ୍ଦାହାଣ୍ଡି,୩।୩(ଡି.ଏନ.ଏ): ଚନ୍ଦାହାଣ୍ଡି ବ୍ଲକ ପାନାବେଡା କଲେଜର ପ୍ରଶାସନିକ ଭବନ, ପରୀକ୍ଷା ଓ ଅଧ୍ୟୟନ କକ୍ଷକୁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ରବିବାର ଉଦଘାଟନ କରିଛନ୍ତି। ୩୨ ଲକ୍ଷ ଟଙ୍କା ବ୍ୟୟରେ ପରୀକ୍ଷା ପ୍ରକୋଷ୍ଠ, ଅଧ୍ୟୟନ କକ୍ଷ ଓ ୨୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରଶାସନିକ ଭବନ କଲେଜରେ ନିର୍ମାଣ କରାଯାଇଥିଲା। ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢୀ, ବ୍ଲକ ଅଧକ୍ଷ ଟିକମ ସିଂ ନାୟକ, ବ୍ଲକ ପ୍ରତିନିଧି ରୁଷୁ ବାଘ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ବ୍ଲକ ସଭାପତି ଗୌରହରି ନାୟକ, ପଛୁଆବର୍ଗ ଜିଲା ସଭାପତି କାର୍ତ୍ତିକ ବାଘ, ମଧୁସୂଦନ ନାଗେଶ, ସମିତି ସଭ୍ୟ ସନ୍ଧ୍ୟାରାଣୀ ନାୟକ, ନିଳମଣି ଗୌଡ, ଝୁମୁକ ସାହୁ, ଚଇତୁରାମ ଦଣ୍ଡସେନା, ବଳରାମ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ପାରୀ, କଲେଜ ଅଧକ୍ଷ ଦ୍ୱାରିକାନାଥ ବାଘ, ଅଧାପକ ଅରୁଣ କୁମାର ହୋତା, ନଳିନୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ଡାବୁଗାଁ ଥାନା ଅଧିକାରୀଙ୍କ ଯୋଗଦାନ

ଡାବୁଗାଁ, ୩।୩ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ମୁନି ଆଚାରୀ ନୂତନ ଆଇଆଇସି ଭାବେ ରବିବାର ଯୋଗ ଦେଇଛନ୍ତି। ସେ ପୂର୍ବରୁ ନବରଙ୍ଗପୁର ଥାନାରେ ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟ କରୁଥଲେ। ଡାବୁଗାଁ ଥାନାରେ ଆଇଆଇସି ଭାବେ ଦାୟିତ୍ୱରେ ଥିବା ହିମାଂଶୁ ଭୂଷଣ ବେହେରାଙ୍କ ନବରଙ୍ଗପୁର ଥାନାକୁ ବଦଳି ହୋଇଛି।

# ଝରିଗାଁରେ ଉପାନ୍ତ ଯୋଜନାର ଶୁଭାରମ୍ଭ

ଝରିଗାଁ,୩।୩(ସ୍ୱ.ପ୍ର)

■ ୨୩ କୋଟି ୯୯ ଲକ୍ଷ ୮୭ ହଜାର ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ

■ ଶିକ୍ଷା, ପକ୍କା ରାସ୍ତା, ପାନୀୟ ଜଳକୁ ଗୁରୁତ୍ୱ



ମନ୍ତ୍ରୀ ରମେଶଚନ୍ଦ୍ର ମାଝି କେବିଡ଼ି ଗ୍ରାମରେ ପକ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ରବିବାର ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୋଟ ୨୩ କୋଟି ୯୯ ଲକ୍ଷ ୮୭ ହଜାର ଟଙ୍କା ଅଟକଳ ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।ଏଥିସହ ଝରିଗାଁ ସଦର ମହକୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧କୋଟି ୬୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବା ୧୨୦ଶଯ୍ୟା ବିଶିଷ୍ଟ ଛାତ୍ରାବାସର ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ସେହିପରି ୧କୋଟି ୮୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ୧୧୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଝରିଗାଁରେ ସରକାରୀ ଡିଗ୍ରୀ କଲେଜ ହେବା ସହ ଛାତ୍ରୀନିବାସ କରାଯିବାକୁ ରାଜ୍ୟ ସରକାର ସ୍ଥିର କରିଥିବା ମନ୍ତ୍ରୀ କହିଥିଲେ । ସେହିପରି ଅତି ଶୀଘ୍ର ଚଟା ଗ୍ରାମରେ ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯିବା ନେଇ ମନ୍ତ୍ରୀ ସୂଚନା ଦେଇଥିଲେ।। ଝରିଗାଁ ବ୍ଲକର ଚକଲାପଦର ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଯୋଡାଆମ୍ବ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଠାରୁ ଡକରିକୋଟ ଗ୍ରାମକୁ ଉପାନ୍ତ ଯୋଜନାରେ ସାମିଲ କରାଯାଇ ୧୦ କିମି ରାସ୍ତା ସକାଶେ ୫ କୋଟି ୬୪ ଲକ୍ଷ ୯୭ ହଜାର ଟଙ୍କା ଅଟକଳ ମୂଲ୍ୟରେ ପକ୍କା ରାସ୍ତାର ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ତ୍ରୀ ଇଛାପୁର ପଞ୍ଚାୟତ ଗସ୍ତକରି ଉପାନ୍ତ ଯୋଜନାରେ କେବିଡି ଗ୍ରାମ ଠାରୁ କୋରାଡଙ୍ଗରୀ ପର୍ଯ୍ୟନ୍ତ ୪.୮କି.ମି ସକାଶେ ୪ କୋଟି ୪୩ ଲକ୍ଷ ୧୬ ହଜାର ଟଙ୍କା ଅଟକଳ ମୂଲ୍ୟ ଏବଂ କେବିଡି ଗ୍ରାମ ଠାରୁ ବରପାଣି ଗ୍ରାମ ୫ କି.ମି ପର୍ଯ୍ୟନ୍ତ ୨ କୋଟି ୮୧ ଲକ୍ଷ ୫୭ ହଜାର ଟଙ୍କା ଅଟକଳ ମୂଲ୍ୟରେ ପକ୍କା ରାସ୍ତା କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ମନ୍ତ୍ରୀ କୁଟ୍ରିଛାପର ପଞ୍ଚାୟତ ଗସ୍ତ କରି ଟିଙ୍କିଲି ଗ୍ରାମ ଠାରୁ ଦିପୁଭଟ୍ଟା ୫.୪ କି.ମି ପର୍ଯ୍ୟନ୍ତ ୫ କୋଟି୭ ଲକ୍ଷ ୫୯ ହଜାର ଟଙ୍କା ଅଟକଳ ମୂଲ୍ୟରେ ପକ୍କା ରାସ୍ତା ସହ ପୋଲ ନିର୍ମାଣ କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ମନ୍ତ୍ରୀ ତେଲନଦୀ ପଞ୍ଚାୟତରେ ତେଲନଦୀ ଗ୍ରାମ ଠାରୁ ମୁଣ୍ଡାଗୁଡା ଗ୍ରାମ ପର୍ଯ୍ୟନ୍ତ ଉପାନ୍ତ ଯୋଜନାରେ ୧.୫ କିମି ପର୍ଯ୍ୟନ୍ତ ୯୪ ଲକ୍ଷ ୨୭ ହଜାର ଅଟକଳ ମୂଲ୍ୟର ପକ୍କା ରାସ୍ତା ସକାଶେ ଭିତି ପ୍ରସ୍ତର ସ୍ଥାପନ କରିଥିଲେ। ଏକମ୍ବା ଠାରୁ ରଙ୍ଗମାଟିଗୁଡା ଗ୍ରାମ ପର୍ଯ୍ୟନ୍ତ ୫ କ.ମି ପର୍ଯ୍ୟନ୍ତ ୨ କୋଟି ୬ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ପକ୍କା ରାସ୍ତା କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଝରିଗାଁ ନଗର କଂଗ୍ରେସ ସଭାପତି ବୁଲୁ ମହାନ୍ତି, ନଗର କଂଗ୍ରେସ ସମ୍ପାଦକ ସନୁ କାହାଳିଆ, ଡମ୍ବରୁ ପନକା ସମେତ ଖଲିଆପାଣି, କେବିଡି , ଝିରିପାଣି, ବରପାଣି ଏବଂ କୁଟ୍ରିଛାପର ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଲୋକ ବିଜେଡିରେ ସାମିଲ ହୋଇଥିଲେ। ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଏମପିଙ୍କ ବ୍ଲକ ପ୍ରତିନିଧି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ବ୍ଲକ ଅଧକ୍ଷା ରମୁଲା ଗଣ୍ଡ, ଉପାଧକ୍ଷା ମଞ୍ଜୁଲତା ପନକା, ଜିଲାପରିଷଦ ସଭ୍ୟ ମୋହନ ନାୟକ, ସରପଞ୍ଚ କାବେରୀ ସାନ୍ତା, କୁନୁ ତିୱାରୀ, ଟିକଚନ୍ଦ ମାଝୀ,ଜିଲା ଯୁବ ଉପ ସଭାପତି ଦେବଜ୍ୟୋତି ପଟ୍ଟନାୟକ, ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝି, ପିଙ୍କୁ କାହାଳିଆ, ଜୟା ରାଓ, ଭାଗିରଥି ମାଝି, ନରହରି ଦୁର୍ଗା ଉପସ୍ଥିତ ଥିଲେ।

■ ପାପଡ଼ାହାଣ୍ଡିରେ ବିଜେଡି କର୍ମୀଙ୍କ ଖବରଦାତା ସମ୍ମିଳନୀ

# ମୋତିରାମଙ୍କୁ ବିଧାୟକ ଟିକେଟ ଦେବାକୁ ଦାବି

ନବରଙ୍ଗପୁର/ପାପଡାହାଣ୍ଡି, ୩।୩(ବି.ପ୍ର/ଡି.ଏନ.ଏ)

ନବରଙ୍ଗପୁର/ପାପଡାହାଣ୍ଡି,୩।୩ (ବି.ପ୍ର/ଡି.ଏନ.ଏ)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମା ସ୍ଥିତ ଡାକବଙ୍ଗଳାଠାରେ ରବିବାର ଡାବୁଗାଁ ନିର୍ବାଚନ ମଣ୍ଡଳୀର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ଜିଲା ଆଦିବାସୀ ବିକାଶ ପରିଷଦ ସଭାପତି ମୋତିରାମ ନାୟକଙ୍କୁ ଦଳୀୟ ପ୍ରାର୍ଥୀ କରାଯିବାକୁ ମୋତିରାମଙ୍କ ସମର୍ଥକ ତଥା ବିଜେଡି କର୍ମୀମାନେ ଦାବି କରିଛନ୍ତି। ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲିକଙ୍କ ସଭାପତିତ୍ୱରେ କୋଷାଗୁମୁଡା, ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକର କର୍ମୀମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। କର୍ମୀମାନେ କହିଥିଲେ ଯେ,ତୃଣମୂଳ ସ୍ତରରେ ଦଳକୁ ସଜାଡିବାରେ ମୋତିରାମଙ୍କ ଭୂମିକା ଅଧିକ। ସେ ମଧ ଦୀର୍ଘବର୍ଷ ହେଲା ଉତ୍ତମ ଜନସମ୍ପର୍କ ରଖି ଆସିଛନ୍ତି। ବର୍ତ୍ତମାନ ନିର୍ବାଚନ ପାଇଁ ସମୟ ଅଳ୍ପଥିବା ବେଳେ ଅନ୍ୟକୁ ଟିକେଟ ଦେଲେ ଗୋଷ୍ଠୀ କନ୍ଦଳ ବଢିବା ସମ୍ଭାବନା ରହିଛି । ତେବେ ବୈଠକରେ ଡାବୁଗାଁ, କୋଷାଗୁମୁଡା ଓ ପାପଡାହାଣ୍ଡି ଅଞ୍ଚଳର ବହୁ ପୁରୁଖା ବିଜେଡି କର୍ମୀ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା । ଏ ନେଇ ଖବରଦାତାମାନେ ପଚାରିବାରୁ ସମସ୍ତେ ଉପସ୍ଥିତ ଥିବା ମଲିକ କହିଥିଲେ। ବୈଠକରେ ବ୍ଲକ ପର୍ଯ୍ୟବେକ୍ଷକ ପଙ୍କଜ ରାଉତ, ବ୍ଲକ ଏମପି ପ୍ରତିନିଧି ସ୍ୱାଧୀନ ପଟ୍ଟନାୟକ, ବ୍ଲକ ଅଧକ୍ଷା ସେବତୀ ସାନ୍ତା, ଉପଧାକ୍ଷ ତ୍ରିନାଥ ପ୍ରଧାନ, ନାରୀ ନେତ୍ରୀ ସୁଜାତା ନାୟକ, ମୋହନ ମାଝି, ସରୋଜ ଯାଲ , ପରେଶ ଜେନା, ସୁଶାନ୍ତ ବେହେରା, ଘାସିରାମ ନାୟକ, ସାହିଲ ପଟନାୟକ, ଶେଖ ଇକବାଲ, ପଦମ ମାଳି, ଟି ଝୁଗୁନୁ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି କିଛି ଦିନ ତଳେ ବ୍ଲକର କେନ୍ଦୁଗୁଡା ଠାରେ ମୋତିରାମ ନାୟକଙ୍କୁ ଟିକେଟ ପ୍ରଦାନ ଲାଗି କର୍ମୀମାନେ ଦାବି କରିଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି କର୍ମୀମାନେ।

# ଦକ୍ଷତା ବୃଦ୍ଧି ତାଲିମ ଶିବିର

ତେନ୍ତୁଲିଖୁଣ୍ଟି,୩।୩(ଡି.ଏନ.ଏ)

ତେନ୍ତୁଲିଖୁଣ୍ଟି ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଛେଳି ଓ ମେଣ୍ଢା ପାଳନ କରୁଥିବା ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ତାଲିମ ଶିବିର ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ କରାଯାଇଛି। ଏହି ଶିବିରରେ ୨୦ ଜଣ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଗୃହପାଳିତ ଛେଳି, ମେଣ୍ଢା ଆଦିଙ୍କୁ କିପରି ଯତ୍ନ ନିଆଯାଏ। ଏଥିସହ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଶିବିରରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ନାରାୟଣ ବେହେରା, ସାବିତ୍ରୀ ସିଂ, ସତ୍ୟ ନାରାୟଣ ମହାରଣା ତାଲିମ ଦେଇଥିଲେ। ତେନ୍ତୁଲିଖଣ୍ଟି ପ୍ରାଣୀ ଚିକିତ୍ସା ଅଧିକାରୀ ମହେନ୍ଦ୍ର ସମରଥ ଓ ଡଃ ଗୁଣନିଧି ବେହେରା ଶିବିର ପରିଚାଳନା କରିଥିଲେ।

# ହୋଟେଲ 'ପୂଜା ଇନ୍'କୁ ସିଲ୍ କଲା ପ୍ରଶାସନ

ନବରଙ୍ଗପୁର,୩।୩(ବି.ପ୍ର)

ଫୁଡ ଲାଇସେନ୍ସ ନବୀକରଣ ହୋଇ ନ ଥିବା ଅଭିଯୋଗରେ ନବରଙ୍ଗପୁର ସ୍ଥିତ ହୋଟେଲ ପୂଜା ଇନକୁ ଜିଲା ପ୍ରଶାସନ ପକ୍ଷରୁ ରବିବାର ସିଲ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଡା. ଦେବବ୍ରତ ଡାକୁଆଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ କୁମାର ସାମଲ, ଅତିରିକ୍ତ ମାଜିଷ୍ଟ୍ରେଟ ତଥା ସହକାରୀ ଜିଲାପାଳ ଚଇନୁ ଗଣ୍ଡ ଓ ନବରଙ୍ଗପୁର ପୋଲିସ ସାମିଲ ହୋଇଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀ ଡାକୁଆ କହିଛନ୍ତି ଯେ, ହୋଟେଲ ପୂଜା ଇନ ୨୦୧୫ରେ ଫୁଡ ଲାଇସେନ୍ସ ପାଇଥିଲା। ୨୦୧୬ରେ ଏହି ଲାଇସେନ୍ସର ସମୟ ସୀମା ଶେଷ ହୋଇଥିଲା। ହୋଟେଲ ନବୀକରଣ ନେଇ ବାରମ୍ବାର ତାଗିଦ ବି କରାଯାଇଛି। ୨ ମାସ ତଳେ ଚଢାଉ ବେଳେ ହୋଟେଲ ସୁରକ୍ଷା ଓ ପରିଚ୍ଛନ୍ନତା ନେଇ ଆବଶ୍ୟକ ସୁବିଧା ନ ଥିଲା। ସେହି ସମୟରେ ବି ଫାଇନ ପକାଯାଇ ତାଗିଦ କରାଯାଇଥିଲା । ତଥାପି ସେ ଫୁଡ ଲାଇସେନ୍ସ କରିବା ପାଇଁ ଆବେଦନ କରି ନ ଥିଲେ। ଯାହାଦ୍ୱାରା ଏହି ହୋଟେଲ ଉପରେ ଚଢାଉ କରାଯାଇ ସିଲ କରାଯାଇଛି । ପୂର୍ବରୁ ହୋଟେଲ ବିରୋଧରେ ଅଳିଆ ନିଷ୍କାସନକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ନଂ ୧୩୩ରେ ମାମଲା ରୁଜୁ ହୋଇଛି ବୋଲି କହିଛନ୍ତି। ସେହିପରି ସହରରେ ଯେଉଁ ହୋଟେଲ ବିନା ଲାଇସେନ୍ସରେ ଚାଲିଛି ଏବଂ ଯେଉଁ ହୋଟେଲର ଲାଇସେନ୍ସ ନବୀକରଣ ହୋଇ ନାହିଁ ଏ ସମସ୍ତ ହୋଟେଲ ଉପରେ ଚଢାଉ କରାଯିବ ବୋଲି କହିଛନ୍ତି। ତେବେ ହୋଟେଲ ପୂଜା ଇନ ମାଲିକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ଆବଶ୍ୟକ କାଗଜପତ୍ର ଓ ବ୍ୟବସ୍ଥା ସଜାଡିବା ପାଇଁ ଶନିବାର ଉପଜିଲାପାଳଙ୍କ ପାଖରେ ୩୦ ଦିନ ସମୟ ମାଗିଥିଲେ। ତେବେ ଉପଜିଲାପାଳ ୧୫ ଦିନ ମୌଖିକ ଭାବେ କହିଥିଲେ। ତେବେ ହଠାତ ରବିବାର ଚଢାଉ କରାଯାଇଛି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

